# Akashvani, Sambalpur

# SAMBALPURI NEWS BULLETIN

## 31 October 2024- 6.47- 6.52 am.

************************************************

ରାଷ୍ଟ୍ରୀୟ ଏକତା ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଦେଶର୍ ପହେଲା ଉପ-ପ୍ରଧାନ୍‌ମନ୍ତ୍ରୀ ଆଉ ଲୌହମାନବ୍ ସର୍ଦ୍ଦାର୍ ବଲ୍ଲଭ ଭାଇ ପଟେଲଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ସାରା ଦେଶେ ରାଷ୍ଟ୍ରୀୟ ଏକତା ଦିବସ୍ ମନା ଯାଉଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟ୍‌ର ଏକ୍‌ତା ନଗର୍ ନ ସର୍ଦ୍ଦାର୍ ପଟେଲ୍‌ଙ୍କର୍ ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ୍ ୟୁନିଟି  ଠାନେ ଶ୍ରଦ୍ଧାଞ୍ଜଳି ଅର୍ପଣ୍ କର୍‌ବାର୍ ସଙ୍ଗେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ ।

ଇନ ଜନେଇ ଦିଆଯାଇପାରେ ଯେ, ସର୍ଦ୍ଦାର୍ ବଲ୍ଲଭ୍‌ଭାଇ ପଟେଲ୍ ୧୮୭୫ ମସିହା ଅକ୍ଟୋବର୍ ମାସ ୩୧ ତାରିଖ୍ ଦିନ ଗୁଜୁରାଟ୍‌ର ନଡ଼ିଆଡ୍ ନ ଜନମ୍ ହେଇଥିଲେ । କର୍ମମୟ ଜୀବନ୍‌ଥି ସେ ଝନେ ବାରିଷ୍ଟର୍ ଆର୍ ରାଷ୍ଟ୍ରବାଦୀ ନେତା ଭାବେ ଜନାଶୁନା ଥିଲେ । ଥରେ କେନ୍‌ସି ବିଷେଥି ନିଷ୍ପତି ନେଲା ଉତ୍‌ରୁ, କାମ୍‌କେ

ପୁରା କର୍‌ବାର୍ ଲାଗି ବଲ୍ଲଭ ଭାଇ ପଟେଲ୍ ଲୁହା ବାଗିର୍ ବଜର୍ ହେଉଥିବାର୍‌ନୁ ତାହାକୁ ଲୌହମାନବ କୁହାଯାଏସି ।

ଭିଜନ୍ ଡକ୍ୟୁମେଂଟ-ମୁଖ୍ୟମନ୍ତ୍ରୀ      ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୨୦୩୬ ମସିହାତକ୍ ଗଢ଼ା ହେବା ସମୃଦ୍ଧ ଓଡ଼ିଶା ଆଉ ୨୦୪୭ ମସିହାର୍ ବିକଶିତ୍ ଭାରତ୍ ଲାଗି ଓଡ଼ିଶାର୍ ମହତ୍ୱପୂର୍ଣ୍ଣ ଅବଦାନ୍ ରହେବା, ହେ ଲକ୍ଷ୍ୟ ହାସଲ୍ ଲାଗି ଗୁଟେ ଭିଜନ୍ ଡକ୍ୟୁମେଂଟ୍ ତିଆର୍ କରାଯିବା । ଲୋକ୍‌ମାନ୍‌କର୍ ମତାମତ ଆଧାର୍‌ଥି ହେ ଭିଜନ୍ ଡକ୍ୟୁମେଂଟ୍ ତିଆର୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ର ଲୋକ୍‌ସେବା ଭବନ୍ ନ ଲୁକଙ୍କର୍ ମତାମତ ଲାଗି https://vision.odisha.gov.in/ ୱେବ୍ ପୋର୍ଟାଲ୍‌କେ ଉନ୍ମୋଚନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ଭିଜନ୍ ଡକ୍ୟୁମେଂଟ୍ ଖାଲି ଗୁଟେ ସର୍‌କାରୀ ଦସ୍ତାବିଜ୍ ନାଇଁ ହୁଏ ସେଥି ଲୋକ୍‌ମାନ୍‌କର୍ ଆକାଂକ୍ଷା ପ୍ରତିଫଳିତ ହେବା । ଆମେ ଏନ୍ତା ଗୁଟେ ଓଡ଼ିଶା ଗଢ଼୍‌ମା, ଯେନ ଅର୍ଥନୈତିକ ସମୃଦ୍ଧି ସାଙ୍ଗେ ସାମାଜିକ ନ୍ୟାୟ ସୁନିଶ୍ଚିତ୍ ହେବା ଆର୍ ମାନବ

ବିକାଶ ସୂଚକାଙ୍କଥି ଓଡ଼ିଶା ଗୁଟେ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ପାଏବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଦିଆଲି ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଆଏଜ୍ ହେଉଛେ ଆଲୋକ୍ ଆର୍ ଆନନ୍ଦ୍‌ର ପରବ୍ ଦିଆଲି । ଶାସ୍ତ୍ର ଅନ୍‌ସାରେ ମାଁ ଲକ୍ଷ୍ମୀ ଆଏଜ୍ ପୁର୍‌ଥିକେ ବିଜେ କର୍‌ସନ୍ । ରାବଣ୍‌କେ ବଧ କଲା ଉତ୍‌ରୁ ରାମ୍ ମାହାପୁରୁ ଦିଆଲି ଦିନ ଅଯୋଧ୍ୟାକେ ଫିରିଥିବାର୍‌ନୁ ଦୀପ୍ ଜଲେଇକରି ତାହାକୁ ସ୍ୱାଗତ୍ କର୍‌ବାର୍ ପରମ୍ପରା ଚଲିଆସିଛେ । ଦିଆଲି ପରବ୍ ଅନ୍ଧାର୍ ଉପ୍‌ରେ ଆଲୋକର୍ ଜିତ୍ ଆର୍ ଶକ୍ତି ସାଙ୍ଗେ ଜ୍ଞାନ୍‌ର ଉପାସନାର୍ ବାର୍ତା ଦେସି । ଆଏଜ୍ ଦେବୀ କାଲୀଙ୍କର୍ ଭିଲ୍ ପୂଜା କରାଯାଏସି ।

ଦିଆଲି ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ରାଜ୍ୟପାଲ୍ ଶ୍ରୀ ଦାସ ତାଙ୍କର୍ ବାର୍ତାଥି ଦିଆଲୀ ଐତିହ୍ୟର୍ ଆବାହନ୍ ଆର୍ ଭବିଷ୍ୟତ୍ ଲାଗି ବାଟ୍ ତିଆର୍‌ବାର୍ ମହାନ୍ ଅବସର ଆଏ ବଲି କହିଛନ୍ । ସେନ୍ତା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର୍ ବାର୍ତାଥି ବିକଶିତ ଓଡ଼ିଶା ଗଠନ୍ ଲାଗି ସଭେ କିରିଆ

କରିକରି କାମ୍ କର୍‌ମା ଆର୍ ଓଡ଼ିଶାକେ ଗୌରବ୍‌ର ନୂଆଁ ଶିଖର୍‌ଥି ପୁହୁଁଚାମା ବଲି କହିଛନ୍ ।

ଧାନ୍ ଘିନା-ଖାଉଟି କଲ୍ୟାଣ୍ ମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଧାନ୍ ଘିନା ଲାଗି ରାଏଜେ ଖୋବ୍ ଜଲ୍‌ଦି ମଣ୍ଡି ଖୁଲ୍‌ବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍ ଯେ, ମଣ୍ଡିମାନ୍‌କୁ ଧାନ୍ ଘିନା ରୀତି ଆଏବା ଦିନେ ଦୁଇଦିନ୍ ଭିତ୍‌ରେ ବାହାର୍ କରାଯିବା । ତଥାପି କେତେ ଜାଗା ନ ଲୁକେ ବାହାରେ ଧାନ୍ ବିକୁଥିବାର୍‌ନୁ ଦଲାଲ୍ ମାନ୍‌କର୍ ଉପ୍‌ରେ ନଜର୍ ରଖ୍‌ବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଧାନ୍ ଘିନାର୍ ତଦାରଖ୍ କର୍‌ବାର୍‌କେ ୫ନେ ଲେଖା ମନ୍ତ୍ରୀ ଫିଂ’ ୨ ଟା ଜିଲ୍ଲାର୍ ଦାୟିତ୍ୱରେ ରହେବେ ।

ପ୍ରକଳ୍ପ ପରିଚାଳନା ବିଭାଗ୍ ବୈଠକ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରକଳ୍ପ ପରିଚାଳନା ବିଭାଗ୍‌ର ୩ ମାସିଆ ବୈଠକ୍ ଗଲାକାଏଲ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ଆର୍ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକଙ୍କର୍ ଅଧକ୍ଷତାଥି ହେଇଯାଇଛେ ।

ବୈଠକ୍‌ଥି ଫାଉଣ୍ଡେସନ୍ ସାକ୍ଷରତା ଆର୍ ସଂଖ୍ୟା ବିଜ୍ଞାନ୍‌ର ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା ହେଇଥିଲା ।

ଦୁର୍ନୀତି ନିବାରଣ ସଚେତନତା ହପ୍ତା      ଆର୍‌ଏନ୍‌ୟୁ /ସମ୍ବଲପୁର

ଦୁର୍ନୀତି ନିବାରଣ ସଚେତନତା ହପ୍ତା ପାଲନ୍ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆର୍ ଦୁର୍ନୀତି ନିବାରଣ ବିଭାଗ୍ ତର୍‌ଫୁ ସମ୍ବଲ୍‌ପୁର୍ ସହରର୍ ଜିଲ୍ଲାସ୍କୁଲ୍ ଛକ୍ ନେଲ୍‌ସନ୍ ମଣ୍ଡେଲା ଛକ୍ ଆର୍ ସମଲେଇଗୁଡ଼ି ନ ସଚେତନତା ଧର୍ମ ପଥପ୍ରାପ୍ତ ନାଟକ୍ ମଂଚସ୍ଥ ହେଇଯାଇଛେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ୍‌ର ଛାତ୍ରଛାତ୍ରୀମାନେ ଦୁର୍ନୀତିକେ ତାର୍ ଚେର୍‌ନୁ ଉପ୍‌ଡ଼େଇକରି ଫିଙ୍କ୍‌ବାର୍ ସଙ୍ଗେ ବିକାଶ୍ ପ୍ରକ୍ରିୟାଥି ସାମିଲ୍ ହେବାର୍‌କେ ପଥପ୍ରାନ୍ତ ନାଟକ୍‌ଥି ବାର୍ତ୍ତା ଦେଇଥିଲେ ।

ଦୁର୍ନୀତି ନିବାରଣ ସଚେତନତା ହପ୍ତା           ହି.ସ.

ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ହପ୍ତା ପାଲନ୍ ଅବ୍‌ସରେ ଦୁର୍ନୀତି ନିବାରଣ ବିଭାଗ୍ ତର୍‌ଫୁ ଗଲାକାଏଲ୍

ସୋନ୍‌ପୁର୍ ବ୍ଲକ୍‌ର କଲାପଥର୍ ଆର୍ ବୀର୍‌ମହାରାଜ୍‌ପୁର୍ ବ୍ଲକ୍‌ର ମୁର୍ଷୁଣ୍ଡି ଗ୍ରାମ୍ ପଂଚାୟତ୍ ନ ଦୁର୍ନୀତି ନିବାରଣ୍ ସ୍ୱତନ୍ତ୍ର ଗ୍ରାମ୍‌ସଭା ହେଇଯାଇଛେ । ଗ୍ରାମ୍‌ସଭାଥି ପଂଚାୟତ୍‌ରାଜ୍ ଜନପ୍ରତିନିଧିଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ ଆର୍ ଲୁକେ ଭାଗ୍ ନେଇଥିଲେ ।

ବିପର୍ଯ୍ୟୟ ପ୍ରଶମନ ଦିବସ୍ ହି.ସ.

କଲାହାଣ୍ଡି ଜିଲ୍ଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ୍ ଆର୍ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ୍ ପାଲନ୍ ଅବ୍‌ସରେ ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟର୍ ସଦ୍‌ଭାବନା ଗୃହ ନ ଗୁଟେ ସଭା ହେଇଯାଇଛେ । ସଭାଥି ଜିଲ୍ଲା ନ ୪ ଟା ବହୁମୁଖୀ ଆଶ୍ରୟସ୍ଥଳୀ ଚିହ୍ନଟ୍ ସଙ୍ଗେ ତାର୍ ଠିକ୍ ଦେଖ୍‌ରେଖ୍ ଆର୍ ସବୁ ଉପଖଣ୍ଡ ଆର୍ ବ୍ଲକ୍ ନ ନିୟନ୍ତ୍ରଣ କେନ୍ଦ୍ର ଥାପ୍‌ନା, ପିଇବାର୍ ପାଏନ୍‌ର ସଠିକ୍ ପରିଚାଲନା ବାବ୍‌ଦେ ଆଲୋଚନା କରାଯାଇଥିଲା । ଜିଲ୍ଲାର୍ ୨ ଝନ୍ ଆଗ୍ନିକ ଉମାକାନ୍ତ ବାଗ୍ ଆର୍ ବବ୍‌ଲୁ ସେନ୍ଦ୍ରିଆଙ୍କୁ ସମ୍ମାନିତ୍ କରାଯିବାର୍ ସଙ୍ଗେ ବକ୍ତୃତା, ରଚନା ଆର୍ ଚିତ୍ରାଙ୍କନ

ପ୍ରତିଯୋଗିତାର୍ କୃତି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ କରାଯାଇଛେ ।

ଶିଶୁ ଉତ୍ସବ୍ ମହକ୍ ହି.ସ.

ବଲାଙ୍ଗିର୍ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତର୍‌ଫୁ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ମହୋତ୍ସବ୍ ମହକ୍ -୨୦୨୪ ହେଇଯାଇଛେ । ହେଥି ଜିଲ୍ଲାର୍ ୬ ଟା ଶିଶୁ ଯତ୍ନ କେନ୍ଦ୍ରର୍ ୨ ଶହ ୫୦ ଝନ୍ ଛାତ୍ରଛାତ୍ରୀ ଯୋଗ୍ ଦେଇକରି ଖେଲ୍‌କୁଦ ସହେତେ ଭିନ୍ ଭିନ୍ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ । ଉତ୍ସବ୍‌କେ ଅତିରିକ୍ତ ଜିଲ୍ଲାପାଲ୍ ଡକ୍ଟର୍ ବିଜୟାନନ୍ଦ ସେଠୀ ଉଦ୍‌ଘାଟନ୍ କରିଥିବାର୍ ବେଲେ ଉଦ୍‌ଯାପନୀ ଉତ୍ସବ୍‌ଥି ଅତିରିକ୍ତ ଏସ୍.ପି. ହେମନ୍ତ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ସ୍ୱତନ୍ତ୍ର ଟ୍ରେନ୍-ଭାରତୀୟ ରେଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଛଟ୍ ପୂଜା ଆର୍ ଦିଆଲୀ ଅବ୍‌ସରେ ଭାରତୀୟ ରେଲ୍ ତର୍‌ଫୁ ୭ ହଜାର୍ ୨ ଶହ ୯୬ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରାଯାଉଛେ । ଯାତ୍ରୀମାନ୍‌କର୍ ସୁବିଧାର୍ ଲାଗି ରେଲ୍‌ବାଇ ତର୍‌ଫୁ ଇ ସ୍ୱତନ୍ତ୍ର

ବ୍ୟବସ୍ଥା କରାଯାଇଛେ ବଲି ସୂଚ୍‌ନା ମିଲିଛେ । ସେନ୍ତା ଷ୍ଟେସନ୍ ମାନ୍‌କେ ଭିଡ଼୍‌କେ ନଜର୍‌ଥି ରଖିକରି ଆର୍‌ପିଏଫ୍ ତର୍‌ଫୁ ଯାତ୍ରୀମାନ୍‌କୁ ଧାଡ଼ି କରିକରି ଟ୍ରେନ୍ ଭିତର୍‌କେ ଛଡ଼ାଯାଉଛେ ।